بِسۡمِ اللّٰہِ الرَّحۡمٰنِ الرَّحِیۡمِ

୨୬ ଜୁନ୍ ୨୦୨୬ ଖୁତ୍‌ବା ଜୁମାର ସାରାଂଶ
ସ୍ଥାନ - ମସଜିଦ୍ ମୁବାରକ୍, ଇସଲାମାବାଦ୍ ଟିଲ୍‌ଫୋର୍ଡ଼୍

# ନବୀଶିରୋମଣୀ ହଜରତ ମୁହମ୍ମଦସ.ଅଙ୍କ ସତ୍ୟବାଦୀ ଦାସ ହଜରତ ମସିହ ମଉଦଅ.ସଙ୍କର ଅଭାବିମାନଙ୍କୁ ଆର୍ଥିକ ସାହାଯ୍ୟ ଓ ସହଯୋଗ କରିବାର ବିଶ୍ୱାସ ବର୍ଦ୍ଧକ ଚର୍ଚ୍ଚା ।

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍ଲାହୁ ୱହ୍‌ଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୌମିଦ୍‌ଦିନ୍ । ଇୟାକା ନାବୁଦୁ ୱ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ୱଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହୁଜୁର ଅନୱରଅ.ବ କହିଲେ; ପରାକ୍ରମୀ ଅଲ୍ଲାଃଙ୍କ ନିର୍ଦ୍ଦେଶାବଳୀ ଓ ପବିତ୍ର ଅବତାର ହଜରତ ମୁହମ୍ମଦ ମୁସ୍ତଫାସ.ଅଙ୍କ ଆଦର୍ଶକୁ ଅନୁସରଣ କରି ହଜରତ ମସିହ ମଉଦଅ.ସଙ୍କ ଜୀବନରେ ଦରିଦ୍ର ଓ ଅଭାବିମାନଙ୍କ ପ୍ରତି ଯେପରି ଦୟାଭାବ ତଥା ସେମାନଙ୍କୁ ଆର୍ଥିକ ସାହାଯ୍ୟ ଓ ସହଯୋଗ କରିବାର ଅନେକ ଘଟଣା ଦେଖିବାକୁ ମିଳେ । କେବଳ ମହାଭାଗଙ୍କ ଦାବି ଦୃଷ୍ଟି କୋଣରୁ ନୁହେଁ, ବରଂ ଆପଣଙ୍କ ଜୀବନର ପ୍ରାରମ୍ଭିକ କାଳ ଓ ଯୌବନ ଅବସ୍ଥାରେ ମଧ୍ୟ ଆମକୁ ଆପଣଙ୍କର ଉଚ୍ଚ ନୈତିକତାର ଅନେକ ଉଦାହରଣ ଦେଖିବାକୁ ମିଳିଥାଏ ।

ଅଲ୍ଲାଃତାଲା ହୁଜୁରଅ.ସଙ୍କୁ ଯେଉଁ ମାତାଙ୍କ କୋଳରେ ଲାଳିତପାଳିତ କରାଇ ଥିଲେ, ଯଦି ଆମେ ତାଙ୍କ ଜୀବନକୁ ମଧ୍ୟ ଲକ୍ଷ କରିବା ତେବେ ସେଠାରେ ମଧ୍ୟ ଆମକୁ ଗରିବଙ୍କୁ ପ୍ରେମ କରିବା ଓ ସେମାନଙ୍କ ପ୍ରତି ଉଦାରତାର ଅନେକ ଘଟଣା ଦେଖିବାକୁ ମିଳିଥାଏ । ତେବେ ମହାଭାଗ ଏଭଳି ଜଣେ ମା'ଙ୍କ କୋଳରେ ବଢ଼ି ଥିଲେ, ଯିଏ ଆପଣଙ୍କୁ ଉଚ୍ଚ ନୈତିକତା ମଧ୍ୟ ଶିଖାଇ ଥିଲେ । ହଜରତ ଶେଖ୍ ୟାକୁବ୍ ଅଲି ଇରଫାନୀ ସାହେବର.ଅ ଉଲ୍ଲେଖ କରିଛନ୍ତି; ହଜରତ ମାଇ ଚିରାଗ ସାହେବା (ହୁଜୁରଅ.ସଙ୍କ ମାତା)ଙ୍କ ପରିବାର ହୋସିଆରପୁର୍ ଜିଲ୍ଲାର ଆଇମ୍ମା ଗ୍ରାମର ଜଣେ ସମ୍ମାନିତ, ପ୍ରତିଷ୍ଠିତ ତଥା ପ୍ରକୃତ **ମୋଗଲ୍** ପରିବାର ଥିଲା । ତାଙ୍କ ସ୍ୱଭାବରେ ଉଦାରତା ଓ ଅତିଥି ସତ୍କାର ଅପରିମିତ ମାତ୍ରାରେ ଭରି ରହିଥିଲା । ଜଣେ ପବିତ୍ର ଓ ଚରିତ୍ରବତୀ ନାରୀଙ୍କ ମଧ୍ୟରେ ଯେଉଁ ସବୁ ସଦ୍‌ଗୁଣ ରହିବା କଥା, ସେସବୁ ତାଙ୍କ ଠାରେ ବିଦ୍ୟମାନ ଥିଲା । ସେ ସର୍ବଦା ପ୍ରସନ୍ନ ଓ ଗମ୍ଭୀର ରହୁଥିଲେ । ଅତିଥି ସତ୍କାର ପାଇଁ ତାଙ୍କ ହୃଦୟରେ ଅପାର ଉତ୍ସାହ ଓ ଉଦାରତା ଭରି ରହିଥିଲା । ଯଦି ତାଙ୍କୁ ଖବର ମିଳୁଥିଲା ଯେ ଚାରି ଜଣଙ୍କ ପାଇଁ ଖାଦ୍ୟ ପଠାଇବାକୁ ହେବ ତେବେ ସେ ଯେଉଁ ଖାଦ୍ୟ ପଠାଉ ଥିଲେ, ତାହା ଆଠଜଣରୁ ଅଧିକ ଲୋକଙ୍କ ପାଇଁ ପର୍ଯ୍ୟାପ୍ତ ହେଉଥିଲା । ସେ ନିଜ ସହରର ଗରିବ ଓ ଅସହାୟମାନଙ୍କର ବିଶେଷ ଯତ୍ନ ନେଉଥିଲେ ଏବଂ ତାଙ୍କର ଏକ ବିଶେଷ ଅଭ୍ୟାସ ଥିଲା, ଯେ ଗରିବ ଲୋକଙ୍କ ମୃତ୍ୟୁ ପରେ ତାହାର **କଫନ୍** (ଶବବସ୍ତ୍ର) ତାଙ୍କ ଘରୁ ହିଁ ମିଳୁଥିଲା ।

ହଜରତ ମିଆଁ ଅଲ୍ଲାଃୟାର ସାହେବର.ଅ ବର୍ଣ୍ଣନା କରନ୍ତି; ଯେତେବେଳେ ହୁଜୁରଅ.ସ ସିଆଲକୋଟ୍‌ରେ ଚାକିରି କରିଥିଲେ, ସେତେବେଳେ ହୁଜୁରଅ.ସଙ୍କ ମାତା ତାଙ୍କ ପାଇଁ ଦୁଇହଳ ପୋଷାକ ଓ କିଛି **ପିନିଆଁ** (ଏକ ପ୍ରକାର ମିଠା) ମଙ୍ଗଳ ନାମକ ଜଣେ ଭଣ୍ଡାରୀ ହାତରେ ପ୍ରେରଣ କଲେ । ସେ କୁହନ୍ତି; ଯେତେବେଳେ ଏସବୁ ନେଇ ମୁଁ ସିଆଲକୋଟରେ ହୁଜୁରଅ.ସଙ୍କ ସାମ୍ନାରେ ରଖିଦେଲି ସେତେବେଳେ ହୁଜୁରଅ.ସ କହିଲେ; 'ତୁମ ଭାଗରେ ଯାହା ଆସୁଛି ତାହା ତୁମେ ନେଇଯାଅ ଓ ମୋ ଭାଗ ମୋତେ ଦେଇଦିଅ ।' ପ୍ରତିଉତ୍ତରରେ ମୁଁ କହିଲି; ହୁଜୁର ଏସବୁ ଆପଣଙ୍କ ପାଇଁ ଆପଣଙ୍କ ମାତା ପଠାଇଛନ୍ତି । କିନ୍ତୁ ହୁଜୁରଅ.ସ କହିଲେ; ତୁମେ ଏତେ ଦୂରରୁ ଏସବୁ ଜିନିଷ ବୋହି

ଆଣିଛ । ତେଣୁ ତୁମର ଅଧା ଭାଗ ନିଶ୍ଚୟ ନେଇଯାଅ । ଶେଷରେ ସେ ମୋତେ ହଳେ ପୋଷାକ ଓ କିଛି **ପିନିଆଁ** ଦେଇଦେଲେ । ଆଉ କହିଲେ; 'ମାଆଙ୍କୁ ଯାଇ କହିବ ଯେ ମତେ ଏଠାରୁ ଶୀଘ୍ର ଡ଼କାଇ ନିଅନ୍ତୁ, କାରଣ ଏଠାରେ ମୋର ମନ ଲାଗୁ ନାହିଁ ।'

ହଜରତ ମିର୍ଜା ବଶିର ଅହେମଦ ସାହେବ ବର୍ଣ୍ଣନା କରନ୍ତି, ଯେ ଯେତେବେଳେ ହୁଜୁର[ଅ.ସ] ସିଆଲକୋଟରେ ରହୁଥିଲେ, ସେଠାରେ ସେ ଗୃହର କୌଣସି ଲୋକଙ୍କ ସହିତ ମିଶୁ ନଥିଲେ ଏବଂ ମିର୍ଜା ସାହେବଙ୍କୁ ଯେଉଁ ବେତନ ମିଳୁ ଥିଲା, ତାହା ସେ ଗରିବ ଓ ଅଭାବୀମାନଙ୍କ ମଧ୍ୟରେ ବାଣ୍ଟି ଦେଉଥିଲେ । କାହାରିକୁ ଜାମା ତିଆରି କରି ଦେଉଥିଲେ ତ କାହାକୁ ନଗଦ ଟଙ୍କା ଦେଇ ଦେଉଥିଲେ, ନିଜ ପାଇଁ କେବଳ ଖାଇବା ଖର୍ଚ୍ଚ ରଖୁଥିଲେ । ପ୍ରାରମ୍ଭିକ ସମୟରେ ଯେହେତୁ ସେ ନିର୍ଜନବାସ ଅର୍ଥାତ୍ ଏକାନ୍ତରେ ରହୁଥିଲେ ଏବଂ ଏହା ହିଁ ତାଙ୍କ ପ୍ରବୃତ୍ତି ଥିଲା । ତେଣୁ ଏହିଭଳି ନୈତିକତାର ପ୍ରକାଶ ଅତି ଗୁପ୍ତ ଭାବରେ ହେଉଥିଲା । କିନ୍ତୁ ଯେତେବେଳେ ଈଶ୍ୱର ଆପଣଙ୍କୁ ସର୍ବସାଧାରଣଙ୍କ ସାମ୍ନାକୁ ଆଣିଲେ ଓ ଲୋକମାନଙ୍କର ଆଗମନ ବହୁ ସଂଖ୍ୟାରେ ହେବାକୁ ଲାଗିଲା ଓ ଆପଣଙ୍କ ପରିସ୍ଥିତି ସମସ୍ତଙ୍କ ସାମ୍ନାକୁ ଆସିଲା ସେତେବେଳେ ଏହିସବୁ ଘଟଣାକୁ ଅବଲୋକନ କରୁଥିବା ଓ ବର୍ଣ୍ଣନାକାରୀ ଲୋକ ମଧ୍ୟ ସୃଷ୍ଟି ହେଲେ । **ମହାଭାଗ କେବେ ହେଲେ କୌଣସି ଭିକ୍ଷୁକ ତଥା ମାଗିବା ବ୍ୟକ୍ତିଙ୍କୁ ଖାଲି ହାତରେ ଫେରାଇ ଦେଉ ନଥିଲେ ।**

ହଜରତ ମୌଲାନା ଅବ୍ଦୁଲ୍ କରିମ ସାହେବ[ର.ଅ] କହନ୍ତି; ଦିନେ ଏମିତି ହେଲା ଯେ **ଅସର୍ ନମାଜ୍** ପରେ ପୁଣ୍ୟଶ୍ଳୋକ ଉଠିଲେ ଏବଂ ମସଜିଦ୍‌ର ଛୋଟ ଝରକା କିମ୍ବା ଛୋଟ ଦ୍ୱାର ବାଟେ ଭିତରକୁ ଯିବା ପାଇଁ ପାଦ ରଖିଲେ । ଏତିକି ବେଳେ ଜଣେ ଭିକ୍ଷୁକ ଧୀର ସ୍ୱରରେ କହିଲେ; ମୁଁ ଜଣେ ଭିକାରୀ । ହୁଜୁର[ଅ.ସ]ଙ୍କର ସେହି ସମୟରେ କିଛି ଜରୁରୀ କାମ ଥିଲା ଓ ତାହାର ସ୍ୱର ଅନ୍ୟମାନଙ୍କ ସ୍ୱର ସହିତ ମିଶି ଯାଇଥିଲା । ଫଳରେ ମହାଭାଗ ଠିକ୍ ଭାବରେ ତାହାର କଥା ଶୁଣି ନପାରି ଭିତରକୁ ଚାଲିଗଲେ । **କିନ୍ତୁ ସେହି ଧୀର ସ୍ୱର ଆପଣଙ୍କ ହୃଦୟ ଉପରେ ଗଭୀର ପ୍ରଭାବ ପକାଇଲା** । ସୁତରାଂ ମହାଭାଗ ପ୍ରଥମ ଖଲିଫା ହଜରତ ନୁରୁଦ୍ଦିନ୍ ସାହେବଙ୍କୁ ଡ଼କାଇ କହିଲେ; ବୋଧ ହୁଏ ବାହାରେ ଜଣେ ଭିକ୍ଷୁକ ଥିଲା, ତାକୁ ଦେଖ । ମାତ୍ର ବହୁତ ଖୋଜିବା ସତ୍ତ୍ୱେ ସେ ମିଳିଲା ନାହିଁ । ସନ୍ଧ୍ୟା ନମାଜ ପରେ ଯେତେବେଳେ ମହାଭାଗ ବସିଲେ, ସେହି ଭିକ୍ଷୁକ ଜଣକ ପୁଣି ଆସିଲା ଓ କିଛି ମାଗିଲା । ହୁଜୁର[ଅ.ସ] ଖୁବ୍ ଶୀଘ୍ର ନିଜ ପକେଟରୁ କିଛି ବାହାର କରି ତା' ହାତରେ ରଖିଦେଲେ ଏବଂ ଏବେ ଏମିତି ମନେ ହେଉଥିଲା, ଯେମିତି ହୁଜୁର[ଅ.ସ] ଏତେ ପ୍ରସନ୍ନିତ ଯେପରି ଆପଣଙ୍କ ଉପରୁ କୌଣସି ବୋଝ ଓହ୍ଲାଇ ଯାଇଛି । କାଦିୟାନ ଠାରୁ ଛ' ମାଇଲ୍ ଦୂରରେ ସଠିଆଲି ନାମକ ଏକ ଛୋଟ ବସ୍ତି ରହିଛି । ସେଠାରୁ ଜଣେ ଜାଠ (ପଞ୍ଜାବୀ) ଫକୀର ଆସୁଥିଲା । ସେ ମସଜିଦ୍ ମୁବାରକ୍ ଛାତ ତଳେ ଥିବା ଝରକା ପାଖକୁ ଆସି ପାଟି କରି କହୁଥିଲା, ଗୁଲାମ ଅହମଦ୍ ! ଗୋଟିଏ ଟଙ୍କା ନେବାର ଅଛି, ସେ ସେଠାରେ ବସି ଯାଉଥିଲା । ଯଦି ହଜରତ ସାହେବ ବ୍ୟସ୍ତ ଥା'ନ୍ତି, ତେବେ ସେ ପ୍ରତି ସ୍ୱଳ୍ପ ସମୟ ବ୍ୟବଧାନରେ ପାଟି କରୁଥିଲା । ଏହା ଅନେକ ଲୋକଙ୍କୁ ବିରକ୍ତିକର ମନେ ହେଉଥିଲା, ଯଦି ହୁଜୁର[ଅ.ସ]ଙ୍କୁ ଖବର ମିଳୁଥିଲା ଯେ ତାକୁ କେହି କିଛି କହିଛି, ତେବେ ଆପଣ ତାହାକୁ ନାପସନ୍ଦ କରୁଥିଲେ । ଆଉ ହସି ହସି ତାକୁ ଟଙ୍କାଟିଏ ଦେଇ ଦେଉଥିଲେ ।

୧୯୦୫ ମସିହାରେ ଶେଷଥର ପାଇଁ ହୁଜୁର[ଅ.ସ] ଦିଲ୍ଲୀ ଯାଇଥିଲେ । ଦିନେ ସେ ଦିଲ୍ଲୀର **ମଜାର୍** (ସମାଧି ଦର୍‌ଗାଃ) ବୁଲିବାକୁ ଯିବା ପାଇଁ ବାହାରିଲେ । କେହି ଜଣେ କହିଲେ; ହୁଜୁର ! ଏହି ରାସ୍ତାରେ ଏତେ ଭିକ୍ଷୁକ ଥା'ନ୍ତି, ଯେ ସେହି ମାର୍ଗ ଦେଇ ଯିବା କଷ୍ଟକର ହୋଇଯିବ । ଏଥିରେ ହୁଜୁର[ଅ.ସ] କହିଲେ; ଆଜି ଆମେ ଯିବା ଓ ସେ ସମସ୍ତଙ୍କୁ ଦେବା । ସେଦିନ ଶୁଣାଯାଇଥିବା ଭଳି ଏତେ ଅଧିକ ଭିକ୍ଷୁକ ତ ମିଳିଲେ ନାହିଁ, ତଥାପି କିଛି ମିଳିଗଲେ । ଆଉ ପ୍ରତ୍ୟେକ ବ୍ୟକ୍ତି ନିଜର ଅଳି ମୁତାବକ ପାଇଲେ । ହଜରତ ହାଫିଜ୍ ଅହମଦୁଲ୍ଲାଃ ସାହେବ ନାଗପୁରୀ[ର.ଅ] କୁହନ୍ତି; ଦିନେ ହୁଜୁର[ଅ.ସ] ଗୋଟିଏ ଗୋଲାକାର କୋଠରୀରେ ବସିଥିଲେ । ପ୍ରାୟ ୨୦ରୁ ୨୫ଜଣ ଲୋକ ସେଠାରେ ଉପସ୍ଥିତ ଥିଲେ । ହୁଜୁର[ଅ.ସ]

କିଛି ବକ୍ତବ୍ୟ ଦେଲେ, ଏତିକି ବେଳେ ଜଣେ ଫକୀର ଆସି ପାଟି କରି ଭିକ୍ଷା ମାଗିଲା । ସେ କୁହନ୍ତି; ହୁଜୁର[ଅ.ସ]ଙ୍କ ବକ୍ତବ୍ୟରେ ବ୍ୟାଘାତ ସୃଷ୍ଟି ହେଉ ଥିବାରୁ ମୋତେ ବହୁତ ଖରାପ ଲାଗିଲା । ତେଣୁ ମୁଁ କବାଟ ବନ୍ଦ କରିଦେଲି, କିନ୍ତୁ ହୁଜୁର[ଅ.ସ] ନିଜର ବକ୍ତବ୍ୟ ସ୍ଥଗିତ ରଖି ମୋତେ କହିଲେ; ଭିତର କବାଟ ଖଟଖଟ କର ଓ ଭିତରୁ କିଛି ଆଣି ସେହି ଭିକ୍ଷୁକକୁ ଦେଇଦିଅ । ପୁନଶ୍ଚ କହିଲେ; **ଭିକ୍ଷୁକର ମାଗିବାରେ କବାଟ ବନ୍ଦ କରିଦେବା ଭଲ କଥା ନୁହେଁ ।**

ଶେଖ୍ ୟାକୁବ୍ ଅଲୀ ଇରଫାନୀ ସାହେବ[ର.ଅ] ଲେଖନ୍ତି, ଯେ ମୁଁ ୧୮୯୨ମସିହାରୁ କାଦିୟାନ ଆସୁଥିଲି ଓ ୧୮୯୮ ମସିହାରୁ ସ୍ଥାୟୀ ଭାବରେ ହଜରତ ମସିହ ମଉଦ[ଅ.ସ]ଙ୍କ ସେବାରେ ଆସିଗଲି । ମୋ ସାମ୍ନାରେ ଅନେକ ଲୋକ ସାହାଯ୍ୟ ମାଗିଛନ୍ତି । ମୁଁ ହଜରତ ମସିହ ମଉଦ[ଅ.ସ]ଙ୍କୁ କେବେ ହେଲେ କୌଣସି ଭିକ୍ଷୁକକୁ ତମ୍ୱା ମୁଦ୍ରା (ପଇସା) ଦେବାର ଦେଖି ନାହିଁ । ଆପଣ ସର୍ବଦା ରୂପା ମୁଦ୍ରା ଦେଉଥିଲେ ଅର୍ଥାତ୍ ଅଧିକ ଟଙ୍କା ଦେଉଥିଲେ । ଥରେ ଜଣେ ଫକୀର ହୁଜୁର[ଅ.ସ]ଙ୍କ ନିକଟକୁ ଏକାନ୍ତରେ ଆସି ନିବେଦନ କଲା, ମୁଁ ଜଙ୍ଗଲରେ ଏକ କୂଅ ଖୋଳାଇବାକୁ ଚାହୁଁଛି । ଯାହା ଫଳରେ ସେଠାରେ ପଥିକମାନଙ୍କୁ ଆରାମ ମିଳିବ ଓ ସେମାନେ ଜଳ ପାନ କରିପାରିବେ । ହଜରତ ମସିହ ମଉଦ[ଅ.ସ] ତାଙ୍କର ଏହି ଉଦ୍ଦେଶ୍ୟରେ ୨୦୦ ଦେଇଦେଲେ ଏବଂ କହିଲେ; ତୁମେ ଲୋକମାନଙ୍କ ସେବା ପାଇଁ ଏହି କାମ କରୁଛ, ତେଣୁ ମୁଁ ତୁମକୁ ଏହି ଅର୍ଥ ଦେଉଅଛି । ଏହିପରି ସେ ମାନବ ସେବା ପାଇଁ କେବଳ ଆଦେଶ ଦେଉ ନଥିଲେ, ବରଂ ବ୍ୟବହାରିକ ଉଦାହରଣ ସାଜି ଦେଖାଇ ଥିଲେ ।

ହଜରତ ଅବ୍ଦୁସ୍ ସମି ସାହେବ[ର.ଅ] ବର୍ଣ୍ଣନା କରନ୍ତି, ମିଆଁ ଶରୀଫ୍ ଅହମ୍ମଦ ସାହେବ[ର.ଅ]ଙ୍କର **ଅକିକାଃ** (ଶିଶୁର ଜନ୍ମୋତ୍ସବ) ଥିଲା । ଅତିଥି ଗୃହରେ ସମସ୍ତ ଅତିଥି ଖାଦ୍ୟ ସେବନ କରୁଥିଲେ । ସେହି ସମୟରେ ଜଣେ ଫକୀର ସେହି ଗୃହ ମଧ୍ୟକୁ ଭିକ ମାଗିବାକୁ ଚାଲି ଆସିଲା । ଲୋକମାନେ ତାହାକୁ ବାହାରକୁ କାଢ଼ିବାକୁ ଲାଗିଲେ ସେତେବେଳେ ହୁଜୁର[ଅ.ସ] ସ୍ୱୟଂ ଖାଦ୍ୟ ଆଣି ସେହି ଫକୀରକୁ ଦେଲେ । ଆଉ ଲୋକମାନଙ୍କୁ ତାକୁ ଗାଳିଗୁଲଜ କରିବାକୁ ବାରଣ କରି କହିଲେ; **ସେ ଖାଇବାକୁ ଆସିଛି, ତାକୁ ଗାଳି ଦେବା ଉଚିତ୍ ନୁହେଁ ।**

ହଜରତ ମୁନ୍‌ସି ଜଫର୍ ଅହମଦ ସାହେବ[ର.ଅ] ବର୍ଣ୍ଣନା କରନ୍ତି; ଥରେ ଜଣେ ମୌଲବୀ କାଦିୟାନ ଆସିଲେ ଓ ମହାଭାଗଙ୍କ ସହିତ ଯୁକ୍ତିତର୍କ କରିବାକୁ ଲାଗିଲେ । ହଜରତ ଇସା[ଅ.ସ]ଙ୍କ ଜୀବିତ ଓ ମୃତ୍ୟୁ ହେବା ବିଷୟରେ ଆଲୋଚନା କରିବାର ଥିଲା । ହୁଜୁର[ଅ.ସ] ଯେତେବେଳେ ତାଙ୍କୁ ଉତ୍ତର ଦେବା ଆରମ୍ଭ କଲେ, ସେ ଚୁପ୍ ହୋଇଗଲେ । ହଜରତ ମସିହ ମଉଦ[ଅ.ସ] ତାଙ୍କୁ ବୁଝାଇ, ପଚାରିଲେ ଯେ ବୁଝିଲ କି ? ସେ ଅତ୍ୟନ୍ତ ଅଶୀଳ ଓ ଧୃଷ୍ଟତା ପ୍ରଦର୍ଶନ କରି କହିଲା; ମୁଁ ବୁଝିଗଲି ଯେ ଆପଣ ହିଁ ଦଜ୍ଜାଲ୍ (ଭଣ୍ଡ) **ନଉଜୁବିଲ୍ଲାଃ** । କାରଣ **ଦଜ୍ଜାଲ୍**ର ଏହି ଗୁଣ ରହିଛି ଯେ ସେ ଯୁକ୍ତିତର୍କରେ ଅନ୍ୟମାନଙ୍କୁ ନିରୁତର କରିଦିଏ । ଆପଣ ଏହା ଶୁଣି କିଛି କହିଲେ ନାହିଁ, ତା'ପରେ ସେ ଚାଲିଗଲା । ଅମୃତସର ଯାଇ ସେ ଏକ ବିଜ୍ଞାପନ ଛପାଇଲା ଏବଂ ଏହି ଘଟଣାର ଉଲ୍ଲେଖ କରି କହିଲା; ଯେତେବେଳେ ମିର୍ଜା ସାହେବ (ହୁଜୁର[ଅ.ସ]) ଭିତରକୁ ଚାଲିଗଲେ ସେତେବେଳେ ମୁଁ ଏକ ପତ୍ର ପଠାଇଲି ଯେ ମୁଁ ଜଣେ ଅଭାବି ଲୋକ ଓ ମୋତେ କିଛି ସାହାଯ୍ୟ କରନ୍ତୁ । ହୁଜୁର[ଅ.ସ] ସଙ୍ଗେସଙ୍ଗେ ୧୫ଟଙ୍କା ପଠାଇ ଦେଲେ । (ଏଥିରୁ ଜଣା ପଡୁଛି ଯେ) ଆପଣ ବହୁତ ବଡ ଦାନଶୀଳ ବ୍ୟକ୍ତି ।

ହଜରତ କାଜି ଅବ୍ଦୁଲ୍ ଗଫୁର୍ ସାହେବ[ର.ଅ] ବର୍ଣ୍ଣନା କରନ୍ତି; ୧୯୦୬ମସିହାରେ ମୁଁ ମୋର ବଡ ଭାଇଙ୍କ ସହିତ ରାୱଲପିଣ୍ଡିରୁ କାଦିୟାନ ଯାଇଥିଲି । ହଜରତ ମସିହ ମଉଦ[ଅ.ସ] ସିଡ଼ିରୁ ଓହ୍ଲାଉ ଥିଲେ, ଜଣେ ବ୍ୟକ୍ତି ହକିମ୍ ଶାହ୍ ନୱାଜ ହୁଜୁର[ଅ.ସ]ଙ୍କୁ ଏକ ମୁଣିରେ ୧୭**ପାଉଣ୍ଡ** ଉପହାର ସ୍ୱରୂପ ଦେଲେ । ହୁଜୁର[ଅ.ସ] ସେହି ମୁଣିଟିକୁ ନେଇ ପକେଟ୍‌ରେ ରଖିଲେ । ତଳେ ଜଣେ ଭିକ୍ଷୁକ ଠିଆ ହୋଇଥିଲା, ସେ ସାହାଯ୍ୟ ମାଗିଲା । ଅତଃ ହୁଜୁର[ଅ.ସ] ସେହି ମୁଣିଟିକୁ ପକେଟ୍‌ରୁ ବାହାର କରି ତା' ହାତରେ ରଖିଦେଲେ । ହକିମ୍ ସାହେବ କହିଲେ; ହୁଜୁର ! ସେଥିରେ ୧୭ **ପାଉଣ୍ଡ** ଅର୍ଥ ଥିଲା । ଏଥିରେ ହୁଜୁର[ଅ.ସ] କହିଲେ; ତାହା ତା'ର ହିଁ ଥିଲା, ତାକୁ ମିଳିଗଲା । ସେହି ସମୟରେ ଏହା ଏକ ମୋଟା ଅଙ୍କର ଧନରାଶି ଥିଲା । ହଜରତ ଉମ୍ମୁଲ୍ ମୁମିନିନ୍[ର.ଅ]ଙ୍କ ଠାରୁ ହଜରତ ମିର୍ଜା ବଶୀର୍ ଅହମଦ

ସାହେବ[ର.ଅ] ଆଖ୍ୟାନ ବର୍ଣ୍ଣନା କରନ୍ତି; ମୋ ମାତା ମୋତେ କହିଥିଲେ; ହୁଜୁର[ଅ.ସ] ବହୁତ ଦାନ କରୁଥିଲେ ଏବଂ ସାଧାରଣତଃ ଗୁପ୍ତ ଭାବରେ ଦେଉଥିଲେ, ଯାହାର ଆମକୁ ମଧ୍ୟ ସୁରାଗ ମିଳୁ ନଥିଲା । ଯେତେବେଳେ ମୁଁ ପଚାରିଲି ଯେ ସେ କେତେ ଦାନ କରୁଥିଲେ ? ତେବେ ମାତା କହିଲେ; ସେ ବହୁତ ଦାନ କରୁଥିଲେ ଓ ଶେଷ ସମୟରେ ଯେତେ ଟଙ୍କା ତାଙ୍କ ନିକଟକୁ ଆସୁଥିଲା, ତାହାର ଏକ ଦଶାଂଶ ଦାନ ପାଇଁ ପୃଥକ କରି ରଖୁଥିଲେ ।

ଏହାର ଅର୍ଥ ନୁହେଁ ଯେ ସେ ଦଶମ ଭାଗରୁ ଅଧିକ ଦେଉ ନଥିଲେ, ବରଂ କେତେକ ସମୟରେ ଖର୍ଚ୍ଚ ଆବଶ୍ୟକତା ଠାରୁ ଅଧିକ ହୋଇ ଯାଉଥିଲା । ତେଣୁ ଦାନରେ ଯେମିତି କୌଣସି ଅଭାବ ନରହେ, ସେଥିପାଇଁ ସେ ପୂର୍ବରୁ ହିଁ ଅତି କମ୍‌ରେ ଦଶମ ଭାଗ ଅଲଗା କରି ରଖି ଦେଉଥିଲେ, ଯେପରି ସେହି ଟଙ୍କା ଅନ୍ୟ କୌଣସି କାମରେ ଖର୍ଚ୍ଚ ନହୋଇଯାଏ । **ଦାନ ଦେବା ସମୟରେ ସେ ଅହମଦୀ କିମ୍ବା ଅଣଅହମଦୀ ମଧ୍ୟରେ କୌଣସି ପାତରଅନ୍ତର କରୁ ନଥିଲେ** । ସାହାଯ୍ୟ ମାଗିବା ପ୍ରାର୍ଥୀଙ୍କୁ କେବେ ହେଲେ ଖାଲି ହାତରେ ନଫେରାଇବା ତାଙ୍କର ଅଭ୍ୟାସ ଥିଲା । ଏହା ମଧ୍ୟ ତାଙ୍କର ଅଭ୍ୟାସ ଥିଲା, ଯେ ଆବଶ୍ୟକତାର ଅତି ସୂକ୍ଷ୍ମ ରୂପକୁ ମଧ୍ୟ ବେଶ ଭଲ ଭାବେ ବୁଝୁ ଥିଲେ । ଥରେ ଜଣେ ବ୍ୟକ୍ତି ଆପଣଙ୍କୁ ଏକ ସୁନ୍ଦର ଟୋପି ପଠାଇଲେ । ଯେତେବେଳେ ସେହି **ପାର୍ସଲ୍‌** ହୁଜୁର[ଅ.ସ]ଙ୍କ ନିକଟରେ ପହଞ୍ଚିଲା ସେତେବେଳେ ସେଠାରେ ସଂଯୋଗବଶତଃ ଜଣେ ହିନ୍ଦୁ ବ୍ୟକ୍ତି ମଧ୍ୟ ଉପସ୍ଥିତ ଥିଲା । ହୁଜୁର[ଅ.ସ] ଯେତେବେଳେ ପାର୍ସଲ୍‌ଟିକୁ ଖୋଲିଲେ, ସେଥିରୁ ଟୋପିଟି ବାହାରିଲା । ତାହାକୁ ଦେଖି ସେହି ହିନ୍ଦୁ ବ୍ୟକ୍ତି ଜଣକ ତାହାର ଅତି ପ୍ରଶଂସା କଲେ, ଏଥିରେ ହୁଜୁର[ଅ.ସ] ସେହି ଟୋପିଟିକୁ ତାଙ୍କୁ ହିଁ ଦେଇଦେଲେ ।

ଜଣେ ଅହମଦୀ ସରଫରାଜ୍ ଖାନ୍ ସାହେବ ବର୍ଣ୍ଣନା କରନ୍ତି; ଆମେ **ଜଲ୍‌ସା**କୁ ଆସିଥିଲୁ ଏବଂ ହୁଜୁର[ଅ.ସ]ଙ୍କୁ କେହି ଜଣେ ଏକ ଘୋଡ଼ୀ ଉପହାର ପ୍ରଦାନ କଲେ । ମୋ ମନକୁ ଆସିଲା ଏହି ଘୋଡ଼ୀଟି ଯଦି ମୋତେ ମିଳିଯା'ନ୍ତା, ମୁଁ ଏହାକୁ ନେଇଯା'ନ୍ତି । ଆଉ ଲୋକଙ୍କୁ କହନ୍ତି; ଯେ ମୁଁ ମସିହଙ୍କ ଘୋଡ଼ୀ ନେଇ ଆସିଛି । ତେବେ **ଜଲ୍‌ସା** ପରେ ଅନୁରୋଧ କଲି ହୁଜୁର ! ମୁଁ ସ୍ୱଗୃହକୁ ଫେରିବାକୁ ଚାହୁଁଛି, ହୁଜୁର[ଅ.ସ] କହିଲେ; ଏବେ ଏହିଠାରେ ରୁହ । କିଛି ଦିନ ପରେ ମୁଁ ପୁନଶ୍ଚ ସମାନ କଥା କହିବାରୁ ହୁଜୁର[ଅ.ସ] ମୋତେ କହିଲେ; ଚୌଧରୀ ସାହେବ ! ଏହି ଘୋଡ଼ୀଟିକୁ ନେଇଯାଅ । ମୁଁ ପଚାରିଲି ହୁଜୁର ! ଏହି ଘୋଡ଼ୀର ମୂଲ୍ୟ କେତେ ? କିନ୍ତୁ ହୁଜୁର[ଅ.ସ] କହିଲେ; ତାହାକୁ ଘାସ ଓ ଦାନା ଖାଇବାକୁ ଦିଅ ଏବଂ ତାହା ଉପରେ ଚଢ଼ି ବୁଲ, ଏହା ହିଁ ତାହାର ମୂଲ୍ୟ ।

ପରିଶେଷରେ ମହାମହିମ ହୁଜୁର ଅନଓ୍ୱର[ଅ.ବ] କହିଲେ; ଅଲ୍ଲାଃତାଲା ଆମମାନଙ୍କୁ ଏହି ସଦ୍‌ଗୁଣଗୁଡ଼ିକର ଅଧିକାରୀ କରନ୍ତୁ, ଯାହାକୁ ସୃଷ୍ଟି କରିବା ସକାଶେ ଐଶ୍ୱର୍ଯ୍ୟମୟ ଅଲ୍ଲାଃ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସ.ଅ]ଙ୍କ ସତ୍ୟବାଦୀ ଦାସ ହଜରତ ମସିହ ମଉଦ[ଅ.ସ]ଙ୍କୁ ପ୍ରେରଣ କରିଥିଲେ ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଈନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଆଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଈୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।

Khulasa Khutba Juma Huzoor Anwar a.b.a

26th June 2026

*Translated to Odia by :* Moulavi Anwar Ahmad Khan